ସୂଚନା ଓ ଲୋକ ସଂପର୍କ ବିଭାଗ
Information & Public Relations Department
Government of Odisha, Bhubaneswar-751001
Phone : (91-674) 2536736 /2390818 (Fax)
e-mail : iprsec.or@nic.in


International Convention on Millets
BHUBANESWAR, ODISHA | 9TH & 10TH NOV 2023

**News ID-IPR/AgFE (Od)/1219/10-11-2023**

## ଅନ୍ତର୍ଜାତୀୟ ପୁଷ୍ଟିଶସ୍ୟ ସମ୍ମିଳନୀ

## ବିସ୍ମୃତ ଖାଦ୍ୟଶସ୍ୟକୁ ନେଇ ଭବିଷ୍ୟତର ପୁଷ୍ଟି ନିରାପତ୍ତା ଉଜ୍ଜ୍ୱଳ

ଭୁବନେଶ୍ୱର, ୧୦/୧୧/୨୦୨୩

ଆଧୁନିକ ତଥା ସମୃଦ୍ଧ କୃଷି ବ୍ୟବସ୍ଥା ଉପଯୋଗ କରି ଆମେମାନେ ଖାଦ୍ୟ ସୁରକ୍ଷା ହାସଲ କରିଥିଲେ ମଧ୍ୟ ପୁଷ୍ଟି ନିରାପତ୍ତା ଏବେ ମଧ୍ୟ ଅନ୍ୟତମ ଲକ୍ଷ୍ୟ ଭାବରେ ଉଭା ହୋଇଛି । ଏପରି ସ୍ଥିତିରେ ବିସ୍ମୃତ ଖାଦ୍ୟ ପାଦାର୍ଥକୁ ପୁଣିଥରେ ଖାଦ୍ୟ ବ୍ୟବସ୍ଥାରେ ଅନ୍ତର୍ଭୁକ୍ତ କରିପାରିଲେ ତାହାର ଏକ ସଫଳ ସମାଧାନ ମିଳିବ ଓ ଭବିଷ୍ୟତର ପୁଷ୍ଟି ନିରାପତ୍ତା ଉଜ୍ଜ୍ୱଳ ହୋଇପାରିବ ବୋଲି 'ବିସ୍ମୃତ ଖାଦ୍ୟ: ଭବିଷ୍ୟତର ଖାଦ୍ୟ ଓ ପୁଷ୍ଟି ନିରାପତ୍ତା' ଶୀର୍ଷକ ଆଲୋଚନାରେ ବକ୍ତାମାନେ ମତ ଦେଇଛନ୍ତି । କୃଷି ଓ କୃଷକ ସଶକ୍ତିକରଣ ବିଭାଗ ପକ୍ଷରୁ ଭୁବନେଶ୍ୱରଠାରେ ଆୟୋଜିତ ଅନ୍ତର୍ଜାତୀୟ ପୁଷ୍ଟିଶସ୍ୟ ସମ୍ମିଳନୀରେ ଅନୁଷ୍ଠିତ ଏହି ଆଲୋଚନାରେ ଉପରୋକ୍ତ ମର୍ମରେ ମତପ୍ରକାଶ ପାଇଛି ।

ଜୈବିକ କୃଷିରେ ପ୍ରସିଦ୍ଧି ଅର୍ଜନ କରିଥିବା ସମାଜସେବିକା ପଦ୍ମଶ୍ରୀ ସାବରମତୀ ଓ ବି. କୃଷ୍ଣପ୍ରସାଦଙ୍କ ମିଳିତ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଆଲୋଚନା ଚକ୍ରରେ ଡ. ପି. ମୁରୁଗେସନ୍, ଆଇସିଏଆର୍-ସିଟିସିଆର୍ଆଇ, ଡ. ଅଲିଭର କିଙ୍ଗ୍, ଏମ୍ଏସ୍ଏସ୍ଆର୍ଏଫ୍, ଡ. ପରମାନନ୍ଦ ପଟେଲ, ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ଗବେଷଣା ତଥା ତାଲିମ ପ୍ରତିଷ୍ଠାନ, ଡ. ପ୍ରମୋଦ ପ୍ରଧାନଙ୍କ ସମେତ ବିଶିଷ୍ଟ କୃଷକ ଶ୍ରୀ ଭୈରବ ସାଇନୀ ଓ ଶ୍ରୀ ଶବର ଦିବାକା ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିବାବେଳେ ଦେଶର ବିଭିନ୍ନ ଅଞ୍ଚଳରୁ ଆସିଥିବା ବହୁ ବୈଜ୍ଞାନିକ, ଶିକ୍ଷାବିତ୍, ସମାଜକର୍ମୀ, ଛାତ୍ରଛାତ୍ରୀ ଓ କୃଷକ ଉପସ୍ଥିତ ଥିଲେ ।

ଗୋଷ୍ଠୀସଂପୃକ୍ତି ଓ କମ୍ ବ୍ୟବହାର ହେଉଥିବା ମାଟିତଳ ଶସ୍ୟରେ ମୂଲ୍ୟସଂପୃକ୍ତି: ସ୍ଥାନୀୟ ଖାଦ୍ୟ ସୁରକ୍ଷା ଓ ବିସ୍ମୃତ ଖାଦ୍ୟ: ଜନଜାତିଙ୍କ ଖାଦ୍ୟ ସଂସ୍କୃତି, ସ୍ୱାସ୍ଥ୍ୟକର ଖାଦ୍ୟ ପାଇଁ ଅଜଣା ପ୍ରଜାତିର ବିଭିନ୍ନ ଶସ୍ୟର ଉପଯୋଗ ଇତ୍ୟାଦି ପ୍ରସଙ୍ଗ ଉପରେ ଆଲୋଚନା ଆରମ୍ଭ ହୋଇଥିଲା । ମାଟିତଳ ଶସ୍ୟକୁ ଏସିଆର ସ୍ମାର୍ଟ ଶସ୍ୟ ବୋଲି ଡ. ପି. ମୁରୁଗେସନ୍ ଦର୍ଶାଇଥିଲେ । ସଂପୂର୍ଣ୍ଣ କ୍ଷୁଧାହୀନତା, ଉତ୍ତମ ସ୍ୱାସ୍ଥ୍ୟ ଉପରେ ରହିଥିବା ନିରନ୍ତର ବିକାଶ ଲକ୍ଷ୍ୟ ଉପରେ ଡ. ଅଲିଭର କିଙ୍ଗ୍ ଆଲୋଚନା କରିଥିଲେ । ଅନେକ ବିସ୍ମୃତ ହୋଇଥିବା ଶସ୍ୟ ଏବେ ମଧ୍ୟ ଚାଷ କରାଯାଇ ସ୍ଥାନୀୟ କୃଷକମାନଙ୍କ ଦ୍ୱାରା ବ୍ୟବହାର ହେଉଥିବାର ସେ ଦର୍ଶାଇଥିଲେ । ଅନ୍ୟ ବକ୍ତାମାନେ ଜନଜାତି ସଂପ୍ରଦାୟରେ ପ୍ରଚଳିତ ବିରଳ ଖାଦ୍ୟ ବ୍ୟବସ୍ଥା ଉପରେ ଉଲ୍ଲେଖ କରି ବିରଳ ପ୍ରଜାତିର ଶସ୍ୟଗୁଡ଼ିକର ଚିହ୍ନଟ ଉପରେ ଗୁରୁତ୍ୱ ଦେଇଥିଲେ । ଉପସ୍ଥିତ କୃଷକ ଦ୍ୱୟ ବିଭିନ୍ନ କୀଟନାଶକ ଓ ଚେରମୂଳ ଆଧାରିତ ଜୈବିକ କୀଟନାଶକ ଉପରେ ନିଜ ଉପଲବ୍ଧି ଉପସ୍ଥାପନ କରିଥିଲେ । ରାଜ୍ୟରେ ପୁଷ୍ଟିଶସ୍ୟ ପରି ଆପାତତଃ ବିସ୍ମୃତ ଖାଦ୍ୟଦ୍ରବ୍ୟ ପ୍ରସାର ଫଳରେ ଖାଦ୍ୟ ସଂସ୍କୃତିରେ ବୈପ୍ଲବିକ ପରିବର୍ତ୍ତନ ଆସିପାରିବ ବୋଲି ଆଲୋଚନାରେ ସ୍ପଷ୍ଟ ହୋଇଥିଲା ।


ସୂର୍ଯ୍ୟ ମିଶ୍ର
ସୂଚନା ଅଧିକାରୀ